ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ

# ବୁଦ୍‌ଧି ଥିଲେ ବାଟ୍



କୋର୍ଡ: P/L/B/-06


PATANG

ପ୍ରକାଶକ: ପତଙ୍ଗ, ସମ୍ବଲପୁର

ସହାୟତା: ୱିପ୍ରୋ **ଫାଉଣ୍ଡେସନ୍**, ବାଙ୍ଗାଲୋର

wipro foundation wipro

ବହିର ନାମ : ବୁଦ୍‌ଧି ଥିଲେ ବାଟ୍

ଶ୍ରେଣୀ : ପହେଲା ଶ୍ରେଣୀ

ଭାଷା : ସମ୍ବଲପୁରୀ ଓ ଓଡିଆ

ପ୍ରସ୍ତୁତି : ପତଙ୍ଗ, ସମ୍ବଲ୍‌ପୁର

ପ୍ରକାଶକ : ପତଙ୍ଗ, ସମ୍ବଲପୁର

ଚିତ୍ର: ଭାରତୀ ଯାଦବ୍, ଏନ୍.ଏଫ୍.ଆଇ, ନୂଆଦିଲ୍ଲୀ

ପ୍ରଥମ ସଂସ୍କରଣ : ୨୦୧୮

ସହାୟତା : ୱିପ୍ରୋ, ବାଙ୍ଗାଲୋର

### ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ

# ବୁଦ୍ଧି ଥିଲେ ବାଟ୍

ପ୍ରକାଶକ: ପତଙ୍ଗ, ସମ୍ବଲପୁର

ସହାୟତା: ୱିପ୍ରୋ ଫାଉଣ୍ଡେସନ୍, ବାଙ୍ଗାଲୋର



ଠେକୁଆ ଆର୍ କେଁଛୋ ଦୁହି ସାଁଗ୍ ଦିନେ ଜଙ୍ଗଲ୍ ଭିତ୍ରେ ଯାଉଥିଲେ । ଠିକ୍ ସେ ସମିଆଥି କୁଲିହା ପଟେ ବୁଦା ଭିତ୍ରୁ ବାହାରିକରି କେଁଛୋକେ ଖାଇମି ବଲି ଖୁସିନେ ହୁକେ....ହୁଁ....ହୁକେ....ହୁଁ ରଡ଼୍ଲା ।

ଠେକୁଆ ଆଉ କଇଁଛ ଦୁଇ ସାଙ୍ଗ ଦିନେ ଜଙ୍ଗଲ ଭିତରେ ଯାଉଥାନ୍ତି । ଠିକ୍ ସେତିକି ସମୟରେ ବିଲୁଆଟିଏ ବୁଦା ଭିତରୁ ବାହାରି କଇଁଛକୁ ଖାଇବି ବୋଲି ଖୁସିରେ ହୁକେ...........ହୋ..ହୁକେ...........ହୋ..କରି ବୋବାଇଲା ।



ଠେକୁଆ ଦେଖ୍ଲା ଯେ, ତାର୍ ସାଁଗ୍ ବିପଦ୍ଥି ଅଛେ  । ସାଁଗ୍କେ ବଁଚାବାର୍କେ ପଡ୍ବା ।
ଠେକୁଆ କୁଲିହାକେ କହେଲା, “ମାମୁଁ ଜୁହାର୍!”କେଁଛୋ ବହୁତ୍ ଟାନ୍ ଆଏ, ତାକେ
ତୁମେ ଖାଇ ନାଇଁ ପାର ।

ଠେକୁଆ ଦେଖିଲା ଯେ, ତାର ସାଙ୍ଗ ବିପଦରେ ଅଛି  । ସାଙ୍ଗକୁ ବଂଚାଇ ବାକୁ ପଡିବ । ଠେକୁଆ ବିଲୁଆକୁ କହିଲା- ମାମୁଁ ନମସ୍କାର୍ ! କଇଁଛ ବହୁତ ଟାଣ ଅଟେ, ତାକୁ ତୁମେ ଖାଇ ପାରିବ
ନାହିଁ ।



ଇତାକେ ବନ୍ଧେ ବୁଡେଇକରି ରଖ । ପାଏନ୍‌ଥି ବୁତ୍‌ରିକରି ନରମ୍ ହେଇଥିବା, ଦୁଇ ଦିନ ଉତାରୁ ଆସ୍‌ଲେ ଖାଏବ ।

ଏହାକୁ ପୋଖରୀରେ ବୁଡେଇକି ରଖ । ପାଣିରେ ବତୁରି ନରମ ହୋଇଯିବ, ଦୁଇ ଦିନ ପରେ ଆସିଲେ ଖାଇବ ।



କୁଲିହା କେଁଛୋକେ ମୁହେଁ ଧରିକରି ବନ୍ଧ୍‌କେ ନେଲା ଆଉ ପାଏନ୍‌ଥି ଛାଡି ଦେଲା ।

ବିଲୁଆ କଇଁଛକୁ ମୁହଁରେ ଧରିକି ପୋଖରୀକୁ ନେଇ ପାଣିରେ ଛାଡି ଦେଲା ।



କୁଲିହା ମୁହୁଁନୁ ବାହାରୁନ୍‌ସାର୍ କେଁଛୋ ପାଏନ୍‌ଥି ପହଁରି ବସ୍‌ଲା ଆର୍ କୁଲିହାକେ ଦେଖିକରି ହସ୍‌ଲା ।

ବିଲୁଆ ମୁହଁରୁ ବାହାରିବା ପରେ କଇଁଛ ପାଣିରେ ପହଁରିଲା ଆଉ ବିଲୁଆକୁ ଦେଖି ହସିଲା।

# ପରିଚାଳକ୍ ଲାଗି ନିର୍ଦ୍ଦେଶ୍

"ବୁଦ୍ଧି ଥିଲେ ବାଟ" ପହେଲା ଆର୍ ଦୁଇ ଶ୍ରେଣୀ ପିଲାକର୍ ଲାଗି ଆଏ । ଇ କଥାନୀ ମାଧ୍ୟମ୍‌ରେ ପିଲାମାନେ ଚିତ୍ର ଆର୍ ଅକ୍ଷର୍‌କେ ମିସେଇକରି ପଢିପାର୍‌ବେ । ପରିଚାଳକ୍ କଥାନୀ କେ ବିଭିନ୍ ଉପାୟେରେ ପିଲାକର୍ ସନ୍‌ଗେ କରିପାର୍‌ବେ । ତାର୍ କେତେଟା ଉଦାହରଣ୍-

- ପରିଚାଳକ୍ ପିଲାକୁ ପହେଲା କେଛୋ, କୁଲିହା ଆର୍ ଠେକୁଆ ଫଟୁ ପିଲାକୁ ଦେଖେଇ କରି କଥାନୀକେ କହେବେ, ଯାହାର୍ ଦ୍ୱାରା ପିଲାକୁ ମଜା ଲାଗ୍‌ବା ।
- ତାର୍‌ପରେ ପରିଚାଳକ୍ ପିଲାକୁ ଫଟୁ ଦେଖେଇକରି ଲେଖାକେ ଆନ୍‌ଗଠି ଦେଖେଇକରି ଗୁଟେ ଗୁଟେ ଧାଡି ପଢ୍‌ବେ ।
- ପିଲାକୁ ଛୋଟ୍ ଛୋଟ୍ ଦଲ୍‌ରେ କଥାନୀକେ ଦେଖିକରି ପଢ୍‌ବାର୍‌କେ କହେବେ । ପରିଚାଳକ୍ ପଢଲା ବେଲେ ଧ୍ୟାନ୍ ଦେବେ ଯେ, ସବୁ ପିଲା ଧାଡିକେ ଧାଡି ପଢୁଛନ୍ ।
- ପରିଚାଳକ୍ କଥାନୀରେ ଯାଣା ଅଛେ ତାକେ ଦେଖି ଦେଖି ନିଜର୍ ଖାତାରେ ଲେଖ୍‌ବାର୍‌କେ କହେବେ ।
- ପରିଚାଳକ୍ କଥାନୀରୁ ପିଲାକୁ ଅକ୍ଷର୍‌କେ ଭି ଚିନ୍‌ହେଇ ପାର୍‌ବେ । ଅକ୍ଷର୍ ଚିନ୍‌ହାଲେ ସେ ଅକ୍ଷରୁ ଆର୍ ନୁଆ ନୁଆ ଶବଦ୍ କାଣା ସେମାନେ ନିଜର୍ ଆଖେ ପାଖେ ଜାନିଛନ୍ ତାକେ କହେବାର୍ ଆର୍ ଲେଖ୍‌ବାର୍‌କେ କହେବେ ।
- ପରିଚାଳକ୍ ପିଲାକୁ ନାଟକ୍ ମାଧ୍ୟମ୍‌ରେ ଭି ଗପକେ କରେଇ ପାର୍‌ବେ ।

*(ସୂଚ୍‌ନା: ପରିଚାଳକ୍ ନିର୍ଦ୍ଦେଶ୍ ଛଡା ପିଲାକର୍ ଲାଗି ନିଜର୍ ମାନୁ ଭି କିଛିଟା ପ୍ରକ୍ରିୟା କରିପାର୍‌ବେ )*

## ପତଙ୍ଗ୍ ବିଷୟରେ......

ପତଙ୍ଗ୍ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ । ଯୁବତୀ/ ଯୁବକ ମାନଙ୍କୁ ସାମାଜିକ ଦାୟିତ୍ୱ ପ୍ରତି ସଚେତନ କରାଇବା ଓ ସାମାଜିକ ନେତୃତ୍ୱ ନେବା ପଇଁ ପ୍ରେରଣା ଯୋଗାଇବା ପତଙ୍ଗର ମୁଖ୍ୟ ଉଦ୍ଦେଶ୍ୟ । ସ୍କୁଲ୍ / କଲେଜ୍‌ର ବିଦ୍ୟାର୍ଥୀ ତଥା ସ୍କୁଲ୍ ଯାଉନ ଥିବା କିଶୋରୀ / କିଶୋର ମାନଙ୍କ ସହିତ ସମ୍ବଲପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଉପରୋକ୍ତ ଉଦ୍ଦେଶ୍ୟ ନେଇ ପତଙ୍ଗ ୨୦୦୩ କାମ କରି ଆସୁଛି ।

## ପତଙ୍ଗ୍ ବିଷୟରେ......

- କଲେଜ୍ ବିଦ୍ୟାର୍ଥୀ ମାନଙ୍କର ନେତୃତ୍ୱ କୌଶଳ ବିକାଶ ପାଇଁ କାର୍ଯ୍ୟକ୍ରମ 'ପାଥ୍‌ମେକର୍ସ'(Pathmakers)
- ଯୁବସମୂହ ନିଜ ଅଞ୍ଚଳର ବିକାଶରେ ଯୋଗଦାନ  ଦେବା ପାଇଁ କାର୍ଯ୍ୟକ୍ରମ 'ଗୁଣ୍ଡୁଚିମୂଷା'(Squirrel)
- ବଲାଙ୍ଗୀର୍ ସରକାରୀ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ଯୁବ ବିକାଶ ମାଧ୍ୟମରେ ପତଙ୍ଗର ଏକ ଅଭିନବ ପଦକ୍ଷେପ (Supplimentary Education)
- ଯୁବପିଢି ଓ ଗାଁଲୋକଙ୍କ ନେତୃତ୍ୱ ବିକାଶ କରିବା ପାଇଁ ତଥା ସେମାନଙ୍କ ଅଧିକାର ଓ ତାଙ୍କ ନିର୍ମିତ କଲ୍ୟାଣକାରୀ ଯୋଜନା ପାଇଁ ଜିଲ୍ଲା ପ୍ରଶାସନ ସହ ମିଳିତ ଉଦ୍ୟମରେ ପରିଚାଳିତ କାର୍ଯ୍ୟକ୍ରମ 'ଯୁବସାଥି'(Juba Saathi)
- ଛାତ୍ରଛାତ୍ରୀମାନଙ୍କ ଗୁଣାତ୍ମକ ଶିକ୍ଷାର ଉନ୍ନତି ପାଇଁ ମାତୃଭାଷା ଆଧାରିତ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ
- ସରକାରୀ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ପରିଚାଳିତ କାର୍ଯ୍ୟକ୍ରମ 'ବିଦ୍ୟାଉତ୍କର୍ଷ'(Vidyautkarsha)

PATANG

**ଯୋଗାଯୋଗ ଠିକଣା-**

**ପତଙ୍ଗ**

**ଚକବନ୍ଦୀ ଅଫିସ୍ ପାଖ, ଦେହେରୀପାଲି, ବୁଢ଼ାରଜା, ସମ୍ବଲପୁର**

**ପିନ୍ ନଂ -୭୬୮୦୦୪, ଫୋନ୍- (୦୬୬୩) ୨୫୩୨୪୯୬**

**ଇମେଲ୍-team@patangindia.org, Website- www.patangindia.org**